Krishi Vigyan Kendra
Bargarh
Odisha University of
Agriculture & Technology
Bhubaneswar

# ଧନୁଶ୍ରୀ
# Dhanushree

ICAR
କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଷଷ୍ଠଦ୍ଦର୍ଶ ବର୍ଷ | ଅପ୍ରିଲ ୨୦୨୨-ମାର୍ଚ୍ଚ ୨୦୨୩ | ପ୍ରଥମ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଙ୍କ ବାର୍ତ୍ତା



ବର୍ତ୍ତମାନ କୃଷି କ୍ଷେତ୍ରର ଉତ୍ପାଦନ ବଢାଇବା ସହ ଉତ୍ପାଦିତ ସାମଗ୍ରୀର ବିକ୍ରି ଓ ମୂଲ୍ୟଯୁକ୍ତ ପ୍ରସ୍ତୁତିର ଆବଶ୍ୟକତା ରହିଅଛି । ଏହି ପରିପେକ୍ଷୀରେ ଆମ୍ଭେ ସମସ୍ତେ ବଜାରର ଚାହିଦାକୁ ଆଖିରେ ରଖି କୃଷି ଓ ଆନୁସଂଗିକ ଚାଷକୁ ବଢାଇବା । ବିଶେଷ କରି ଯାହାର ଅମଳକୁ ସାଇତି ରଖିବାର ସହ ବାହାର ବଜାରକୁ ପଠାଇହେବ, ସେହିପରି ଚାଷର ପରିଚାଳନା କରିବା । ଆମ୍ଭ ଜିଲ୍ଲାର ଚାଷୀମାନେ ବର୍ଷର ବାର ମାସରେ ୧୨ ଟି ପ୍ରକାରର ଉତ୍ପାଦନ କରି ବିକ୍ରି କରିବା ପାଇଁ ଚେଷ୍ଟା କରିବେ ବୋଲି ମୋର ଆଶା ଓ ବିଶ୍ୱାସ ।

ନୃସିଂହ ଚରଣ ପାଢ଼ୀ

## ଜୈବବୃଦ୍ଧ କନ୍ଦମୂଳ (Biofortified) କିସମର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ



ପୁଷ୍ଟି ନିରାପତ୍ତା ପାଇଁ ଆଜିକାଲି ବିଭିନ୍ନ ଶସ୍ୟ ଓ ପନିପରିବା ଚାଷରେ ଜୈବ ଦୃଢ଼ କିସମର ବ୍ୟବହାରର ପ୍ରଚାର ଓ ପ୍ରସାର ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଅଛି । ଏଥି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ବରଗଡ଼ ତରଫରୁ ଅଧିକ ଭିଟାମିନ୍-କ ଯୁକ୍ତ (୧୪ ମି.ଗ୍ରା./୧୦୦ଗ୍ରା) କନ୍ଦମୂଳ କିସମ "ଭୂସୋନା"ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଢୁମାଲପାଲି, ବଉଳସିଂହା, ଅଇଁଳାପାଲ୍ଲୀ ଗ୍ରାମର ୧୦ ଜଣ ମହିଳା ଚାଷୀଙ୍କୁ ଉପରୋକ୍ତ କିସମର ଲଟା ଯୋଗାଇ ଦିଆଯାଇଥିଲା । ଯାହାକି ସେମାନେ ୬୦ ସେ.ମି X ୨୦ ସେ.ମି. ବ୍ୟବଧାନରେ ଲଗାଇଥିଲେ । ଏଥିରୁ ସେମାନେ ହେକ୍ଟର ପ୍ରତି ୧୮୪ କ୍ୱିଣ୍ଟାଲ ଅମଳ ପାଇପାରିଥିଲେ ଯାହାକି ପାରମ୍ପରିକ ପଦ୍ଧତି ଅପେକ୍ଷା ୫୭.୨% ଅଧିକ ଥିଲା । ଯଦିଓ ଏହା ସ୍ୱାଦ ଦୃଷ୍ଟିରୁ ଦେଶୀ କନ୍ଦମୂଳ ଅପେକ୍ଷା କମ୍ ମିଠା ଲାଗୁଥିଲା କିନ୍ତୁ ଉଭୟ ଖାଦ୍ୟପ୍ରାଣ ଓ ଅମଳ ଦୃଷ୍ଟିକୋଣରୁ ଏହାକୁ ଅଧିକ ଚାଷୀ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## ତରଭୁଜ ଚାରା ରୋପଣ ପଦ୍ଧତି ର ସଫଳ କ୍ଷେତ୍ର ପ୍ରଦର୍ଶନ



ଆମ ଜିଲ୍ଲାରେ ଚାଷୀମାନେ ସାଧାରଣତଃ ତରଭୂଜ ଚାଷ ସିଧାସଳଖ କ୍ଷେତରେ ମଞ୍ଜି ପୋତି ଚାଷ କରିଥାନ୍ତି ଯଦ୍ୱାରା ଅଧିକ ମଞ୍ଜି ଦରକାର ହୋଇଥାଏ । ସିଧାସଳଖ ମୁଖ୍ୟ ଜମିରେ ଅଧିକ ଜାଗାରେ ମଞ୍ଜିରୁ ହେଉଥିବା ଚାରା ଗୁଡ଼ିକର ପ୍ରାରମ୍ଭ ଅବସ୍ଥାରେ କମ୍ ରକ୍ଷଣାବେକ୍ଷଣ ଯୋଗୁଁ ଅମଳ ମଧ୍ୟ କମିଥାଏ । ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପଲିଥିନ ବ୍ୟାଗରେ ତରଭୁଜର ମଞ୍ଜିରୁ ଚାରା କରାଯାଇଥିଲା । ଏଥିପାଇଁ ଚଣ୍ଡିପାଲି, ଉମରାଦ, ସୁକୁଡ଼ା ଗ୍ରାମର ୧୦ଜଣ ମହିଳାଚାଷୀଙ୍କୁ ପଲିଥିନ ବ୍ୟାଗରେ ମାଟି, ବାଲି ଓ ଖତ ୧:୧:୧ ଅନୁପାତରେ ମିଶାଯାଇ ତା ପରେ ମଞ୍ଜି ଲଗାଇବା ଶିଖା ଯାଇଥିଲା । ଏଥିରୁ ହେଉଥିବା ୧୨ ଦିନିଆ ଚାରାକୁ ତରଭୁଜ ଚାଷ କରି ଚାଷୀମାନେ ହେକ୍ଟର ପ୍ରତି ୩୫୩.୪ କ୍ୱି. ଅମଳ ପାଇବା ସମୟରେ ସିଧାସଳଖ ମଞ୍ଜିରୁ ସେମାନେ ମାତ୍ର ୩୧୪.୫ କ୍ୱି. ଅମଳ ପାଇଥିଲେ । ଏହି ପଦ୍ଧତିରେ ଚାରାରୁ ଅଧିକ ଅମଳ ଦେଖି ବହୁତ ଚାଷୀ ଏହିପରି କରିବା ପାଇଁ ଇଛା ପ୍ରକାଶ କରିଛନ୍ତି ।

## ଉନ୍ନତ କିସମ ଗହମର କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ



ଦିନକୁ ଦିନ ଲୋକମାନଙ୍କର ଭାତ ପରିବର୍ତ୍ତେ ରୁଟିର ଚାହିଦା ବଢୁଥିବାରୁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା ଚାଷୀ ମାନଙ୍କ ଜମିରେ ଗହମର ଉନ୍ନତ କିସମ ଦୁଇଟିର କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏଥିପାଇଁ ଲୁଡୁପାଲି, ନୂଆଗଡ଼, ବନଛୋରପାଲି ଗ୍ରାମର ୭ ଜଣ ଚାଷୀଙ୍କୁ (RVW 4106 ଓ CG 1023) ୨ଟି କିସମର ଗହମ ବିହନ ଯୋଗାଇଦିଆଯାଇଥିଲା । ସମୟାନୁଯାୟୀ କ୍ଷେତ୍ର ପରିଦର୍ଶନ କରି ସମନ୍ୱିତ ଖତସାର ଓ ରୋଗ ପୋକ ପରିଚାଳନା ଉପରେ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି ଗହମ ଚାଷକରି ଚାଷୀମାନେ ନିଜ ପାରମ୍ପରିକ କିସମରୁ ହେକ୍ଟର ପିଛା ୧୯.୯ କ୍ୱି. ଅମଳ କରିଥିବା ସମୟରେ RVW 4106 କିସମରୁ ୨୯.୫ କ୍ୱି. ଓ CG 1023 କିସମରୁ ୨୧.୮ କ୍ୱି. ଅମଳ ପାଇଥିଲେ । ତେଣୁ ବର୍ତ୍ତମାନ ଚାଷୀମାନେ ଆଗାମୀ ରବି ଋତୁରେ RVW 4106 କିସମର ଗହମ ଚାଷକରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

## ଚିନାବାଦାମର ଅନ୍ତଃ ଫସଲ ରୂପେ ହରଡ଼ ଓ ମାଣ୍ଡିଆର ସଫଳ କ୍ଷେତ୍ର ପରୀକ୍ଷଣ



ଚାଷରୁ ଅଧିକ ଲାଭ ପାଇବା ପାଇଁ ମୁଖ୍ୟ ଫସଲ ମଧ୍ୟରେ ସଠିକ୍ ଅନ୍ତଃ ଫସଲ ଚୟନ କରିବାର ଆବଶ୍ୟକତା ଅଛି । ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ଦ୍ୱାରା କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମରେ ବାନ୍ଦେନବାହାଲ, ଆଲିପୁରରେ ୭ ଜଣ ଚାଷିଙ୍କ ଜମିରେ କେବଳ ଚିନାବାଦାମ ପରିବର୍ତ୍ତେ ଚିନାବାଦାମ ଓ ହରଡ଼ (୬ ଧାଡ଼ି + ୨ ଧାଡ଼ି) ଏବଂ ଚିନାବାଦାମ ଓ ମାଣ୍ଡିଆ (୨ ଧାଡ଼ି + ୧ ଧାଡ଼ି) ରେ ଲଗାଯାଇଥିଲା । ଏହା କରି ଚାଷୀ ମାନେ କେବଳ ଚିନାବାଦାମ ହେକ୍ଟର ପ୍ରତି ୯.୨କ୍ୱି. ଅମଳ ପାଇଥିବା ସମୟରେ ଚିନାବାଦାମ ଓ ରାହାଡ଼ି ରୁ ଯଥାକ୍ରମେ ୮.୫କ୍ୱି. ଓ ୫.୫କ୍ୱି. ଅମଳ ପାଇଥିବା ବେଳେ ଚିନାବାଦାମ ଓ ମାଣ୍ଡିଆ ରୁ ଯଥାକ୍ରମେ ୫.୮ କ୍ୱି. ଓ ୨.୫ କ୍ୱି. ମାଣ୍ଡିଆ ପାଇଥିଲେ । ଏଥିରୁ ସେମାନେ ଚିନାବାଦାମ ଓ ରାହାଡ଼ି ଚାଷରୁ ସର୍ବାଧିକ ୪୬୫୦୦ ଟଙ୍କା ଲାଭ ପାଇଥିବାରୁ ଚିନାବାଦାମ ସହିତ ରାହାଡ଼ି କରି ଅଧିକ ଲାଭବାନ ହେବାପାଇଁ ଆଶା ପୋଷଣ କରିଛନ୍ତି ।

## ବିଲାତି ବାଇଗଣରେ ଜୀବାଣୁ ଜନିତ ଝାଉଁଳା ରୋଗର ନିୟନ୍ତ୍ରଣ



ଟମାଟୋରେ ଝାଉଁଳା ରୋଗ ଏକ ମୁଖ୍ୟ ସମସ୍ୟା । ଏହାର ନିୟନ୍ତ୍ରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ଦେବ୍ରୁଆଁ, ବାଲିଝୁରୀ ଗ୍ରାମରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ୧୦ ଜଣ ଚାଷୀଙ୍କୁ ପ୍ରଥମେ ରୋଇବାର ୭ ଦିନ ପୂର୍ବରୁ ବ୍ଲିଚିଂ ପାଉଡର ଓ ଚୂନ ଦ୍ୱାରା ମାଟି ବିଶୋଧନ, ଲଗାଇବା ପୂର୍ବରୁ ଚାରା ବିଶୋଧନ ଏବଂ ରୋଇବାର ୨୦ ଦିନ ପରେ ୧୦ ଦିନ ଅନ୍ତରାଳରେ ୩ ଥର (Cupper Oxychloride) ଦ୍ୱାରା ମାଟିକୁ ଭିଜାଯାଇଥିଲା । ଏହା କରିବା ଦ୍ୱାରା ଝାଉଁଳା ଜନିତ ଗଛର ମୃତହାର ୧୭.୨୪% ରୁ ୩.୫୯ % କ୍ୱି. ହୋଇଥିବାବେଳେ ହେକ୍ଟର ପ୍ରତି ୧୯୮.୩୨ କ୍ୱି. ଅମଳ ମିଳିଥିଲା ଯାହାକି ପାରମ୍ପାରିକ ପଦ୍ଧତି ଅପେକ୍ଷା ୫୪.୬% ଅଧିକ ଥିଲା ।

## ଜୈବିକ ପଦ୍ଧତିରେ ବାଇଗଣରେ ସମନ୍ୱିତ ପୋକ ପରିଚାଳନା :



ପନିପରିବା ମଧ୍ୟରେ ବରଗଡ଼ ଜିଲ୍ଲାରେ ବହୁଳ ଭାବରେ ବାଇଗଣ ଚାଷ ହୋଇଥାଏ । ମାତ୍ର ବାଇଗଣର ରୋଗପୋକ ସମସ୍ୟା ସମାଧାନ ପାଇଁ ଚାଷୀ ମାନଙ୍କୁ ରାସାୟନିକ ଔଷଧରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ । ଏହାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଲେବିଡି, ସ୍ୱର୍ଣ୍ଣା ଗ୍ରାମରେ ବାଇଗଣର ସମନ୍ୱିତ ପୋକ ପରିଚାଳନା ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥିରେ ୧୦ ଜଣ ଚାଷୀଙ୍କୁ ମାଟିରେ ପ୍ରୟୋଗ କରିବା ପାଇଁ ଏକର ପିଛା ୨୦୦ କେ.ଜି. ନିମ୍ବ ପିଡ଼ିଆ ଯୋଗାଇ ଦିଆଯାଇଥିଲା । ଏହା ସହିତ ଜମିରେ ପୋକ ମାନଙ୍କୁ ଆକର୍ଷଣ କରିବା ପାଇଁ ସଙ୍ଗ ଆକର୍ଷକ ଯନ୍ତା ବସାଯାଇଥିଲା । ଏହାଛଡ଼ା ଜମିରେ ନିମ୍ବ ମଞ୍ଜିରୁ ପ୍ରସ୍ତୁତ ରସ ୪ ଥର ପ୍ରୟୋଗ କରାଯାଇଥିଲା । ଏହା ଫଳରେ ଚାଷୀ ମାନେ ପାରମ୍ପରିକ ପଦ୍ଧତିରେ ୧୫୯.୩୬ କ୍ୱି. ଅମଳ ପାଇଥିବା ବେଳେ ଜୈବିକ ପଦ୍ଧତିରେ ୨୫୩.୨୫ କ୍ୱି. ଅମଳ ପାଇଥିଲେ । ଏହି ପଦ୍ଧତିରେ କମ୍ ଖର୍ଚ୍ଚ ଓ ଅଧିକ ଅମଳ ପାଉଥିବାରୁ ଚାଷୀମାନେ ଜୈବିକ ପଦ୍ଧତିରେ ପୋକ ପରିଚାଳନା ପାଇଁ ଅଣ୍ଟା ଭିଡ଼ିଛନ୍ତି ।

## ଲଙ୍କାର ପତ୍ରମୋଡା ରୋଗ ନିରୋଧକ କିସମର କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ



ବରଗଡ଼ ଜିଲ୍ଲାରେ ଚାଷୀମାନେ ଲଙ୍କା ଚାଷ କରି ଉଭୟ କଂଚା ଓ ଶୁଖିଲା ଲଙ୍କା ବିକ୍ରୀ କରି ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି । ମାତ୍ର ଦେଶୀ ଲଙ୍କା ରେ ପତ୍ରମୋଡ଼ା ରୋଗ ଯୋଗୁଁ ଗଛ ଦୁର୍ବଳ ହେବା ସହିତ ଅମଳ କମିଥାଏ । ଏହାର ନିରାକରଣ ନିମନ୍ତେ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମରେ ଦେବ୍ରୁଆଁ ଓ ପାତ୍ରପାଲି ଗ୍ରାମରେ ୭ ଜଣ ଚାଷୀଙ୍କୁ ଦୁଇଟି ପତ୍ରମୋଡ଼ା ନିରୋଧକ କିସମ ଆର୍କା ତେଜସ୍ୱୀ ଓ କାଶୀ ଆଭାର ଚାରା ଯୋଗାଇ ଦିଆଯାଇଥିଲା । ଏଥିରୁ ଦେଖାଯାଇଥିଲା ଯେ ୪୫ ଦିନ ପରେ ମୋଡ଼ା ପତ୍ରର ସଂଖ୍ୟା ଦେଶୀ କିସମରେ ୧୨.୩ ହୋଇଥିବା ସମୟରେ ଆର୍କା ତେଜସ୍ୱୀ କିସମରେ ୧.୫୩ ଓ କାଶୀଆଭା କିସମରେ ୨.୪୫ ଥିଲା । ଏହା ଛଡ଼ା ଚାଷୀ ମାନେ ଦେଶୀ କିସମରେ ହେକ୍ଟର ପିଛା ଶୁଖିଲା ଲଙ୍କା ୧୪.୫ କ୍ୱି. ଅମଳ ହୋଇଥିବା ବେଳେ ଆର୍କା ତେଜସ୍ୱୀ ୧୫.୩୬ କ୍ୱି. ଓ କାଶୀ ଆଭାରୁ ୧୨.୫ କ୍ୱି. ଅମଳ ହୋଇଥିଲା । ଏଣୁ ଦୁଇଟି କିସମରୁ ଆର୍କା ତେଜସ୍ୱୀରେ ମୋଡା ପତ୍ର ସଂଖ୍ୟା କମ୍ ଓ ଅମଳ ଅଧିକ ମିଳୁଥିବାରୁ ଚାଷୀମାନେ ଉକ୍ତ କିସମଟିକୁ ଅଧିକ ପସନ୍ଦ କରିଛନ୍ତି ।



## ବୁଣାଧାନରେ ହଳଦିଆ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ନିମନ୍ତେ କ୍ଷେତ୍ର ପରୀକ୍ଷଣ

ବରଗଡ଼ ଜିଲ୍ଲାରେ ପ୍ରମୁଖ ଫସଲ ଧାନରେ ହଳଦିଆ କାଣ୍ଡ ବିନ୍ଧା ପୋକ ଏକ ମୁଖ୍ୟ ସମସ୍ୟା । ଏହାର ନିୟନ୍ତ୍ରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ନଳୀତୁଆଁ ଓ ଦେବାହାଲ ଗ୍ରାମରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଏହା ପାଇଁ ଚାଷୀ ମାନେ କେବଳ ଏକର ପ୍ରତି ୫ କେ.ଜି. ଫୋରେଟ ବ୍ୟବହାର କରୁଥିବା ବେଳେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗୋଟିଏ ପରୀକ୍ଷଣରେ ମଞ୍ଜି ବିଶୋଧନ ସହ ବୁଣିବାର ୪୫ ଓ ୬୦ ଦିନରେ Flubendiamide 19.92% ଓ Thiachloprid 19.92% ୨୪୦ ଌଭ ହେକ୍ଟର ପ୍ରତି ୩୦୦ ମି.ଲି. ସିଂଚନ କରାଯିବା ସହ ଅନ୍ୟ ପରୀକ୍ଷଣରେ ମଞ୍ଜି ବିଶୋଧନ ସହ Spinetoram 5.66% ଓ Methoxyfenozide 30% ହେକ୍ଟର ପ୍ରତି ୩୭୫ ମି.ଲି. ସିଂଚନ କରାଯାଇଥିଲା ଏଥିରୁ ଚାଷୀ ମାନଙ୍କର ନିଜସ୍ୱ ପଦ୍ଧତିରେ ବର୍ଗ. ମି. ପ୍ରତି ମଲା ମଞ୍ଜ ପତ୍ର ୧୩.୬୦ ହୋଇଥିବା ବେଳେ ପ୍ରଥମ ଓ ଦ୍ୱିତୀୟ ପରୀକ୍ଷଣରେ ଯଥାକ୍ରମେ ୩.୬୧ ଓ ୫.୯୫ ହୋଇଥିଲା ଏବଂ ତଦନୁଯାୟୀ ହେକ୍ଟର ପିଛା ୨୩.୭୮ କ୍ୱି. ୩୪.୨୩ କ୍ୱି. ଓ ୩୨.୪୫ କ୍ୱି. ଅମଳ ମିଳିଥିଲା । ଏହାକୁ ଦେଖି ହଳଦିଆ କାଣ୍ଡବିନ୍ଧା ପୋକର ନିୟନ୍ତ୍ରଣ ପାଇଁ Flubendiamide 19.92% ଓ Thiachloprid 19.92% ଔଷଧ କୁ ଚାଷୀମାନେ ବେଶ୍ ପସନ୍ଦ କରିଛନ୍ତି ।

## ଆଳୁ ଚାଷ ନିମନ୍ତେ ଲଗାଇବାର ସଠିକ ସମୟ ଉପରେ କ୍ଷେତ୍ର ପ୍ରଦର୍ଶନ



ବର୍ଷସାରା ସବୁ ଶ୍ରେଣୀର ଲୋକମାନଙ୍କ ପାଇଁ ଆଳୁର ଚାହିଦା ରହିଥାଏ । ତେଣୁ ଆଳୁ ଚାଷରୁ ଅଧିକ ଅମଳ ପାଇବା ନିମନ୍ତେ ଲଗାଇବାର ଉପଯୁକ୍ତ ସମୟର ଚୟନ ଉପରେ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା ଏଥିରୁ ନଳୀତୁଆଁ, ତଳା ଓ ବରଗାଁର ପ୍ରାୟ ୧୦ ଜଣ ମହିଳାଚାଷୀଙ୍କୁ ଡିସେମ୍ବର ୧୫ ପରବର୍ତ୍ତେ ନଭେମ୍ବର ୧୫ ତାରିଖ ପୂର୍ବରୁ ଆଳୁର କନ୍ଦ ଯୋଗାଇ ଦିଆ ଯାଇଥିଲା ।ଏଥିପାଇଁ ୪୦-୫୦ ଗ୍ରାମ୍ର ଆଳୁ କନ୍ଦକୁ ୪୫ X୭୫ ସେ.ମି. ବ୍ୟବଧାନରେ ଖତ ଓ ସାର ଦିଆଯାଇ ଲଗାଯାଇଥିଲା । ଆବଶ୍ୟକ ଅନୁଯାୟୀ ସମନ୍ୱିତ ସାର ଓ ରୋଗ ପୋକ ପରିଚାଳନା କରଯାଇଥିଲା ।ଏଥିରୁ ଚାଷୀମାନେ ହେକ୍ଟର ପିଛା ୨୩୪.୨ କ୍ୱି. ଅମଳ ପାଇଥିଲେ ଯାହାଙ୍କ ପୂର୍ବ ଅପେକ୍ଷା ୨୮% ଅଧିକ ଥିଲା । ଏହାକୁ ଦେଖି ଚାଷୀମାନେ ନଭେମ୍ବର ମାସର ମଧ୍ୟଭାଗ ପୂର୍ବରୁ ଆଳୁ ଲଗାଇବାର ସଠିକ ସମୟ ବୋଲି ଉପଲବ୍ଧ କରିପାରିଛନ୍ତି ।



## ଡାଲି ଜାତୀୟ ବିହନ ଉତ୍ପାଦନ କାର୍ଯ୍ୟକ୍ରମରେ ପ୍ରାମାଣିକ ବିହନ ଉତ୍ପାଦନ

କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ତରଫରୁ ଡାଲି ଜାତୀୟ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ୨୦୧୬ ମସିହା ଠାରୁ ଚାଲି ଆସୁଅଛି । ବଜାରରେ ହରଡ଼ ଓ ମୁଗ ଚାହିଦା ଥିବାରୁ ଚଳିତ ବର୍ଷ ବିହନ ଉତ୍ପାଦନ ପାଇଁ ଖରିଫ ଋତୁରେ ହରଡ଼ ଓ ରବି ଋତୁରେ ମୁଗ ନିଆଯାଇଅଛି । ଏଥିରେ ହରଡ଼ ଅମରାବତୀ (LRG-52) କିସମର ବିହନ ୪୦୦ କି.ଗ୍ରା. ଏବଂ ମୁଗ IPM-205-7 (ଭିରାଟ) କିସମର ବିହନ ୨୫୦ କି.ଗ୍ରା ଚାଷୀ ମାନଙ୍କୁ ଯୋଗାଇ ଦିଆଯାଇଥିଲା । ହରଡ଼ର ଏହି କିସମଟି ୧୮୦ ଦିନ ଅବଧି ବିଶିଷ୍ଟ । ଏହାର ଛୁଇଁ ଗାଢ଼ ଲାଲ୍ ରଙ୍ଗର ଓ ମଞ୍ଜି ଲାଲ୍ ରଙ୍ଗର ବଡ଼ ଏବଂ ମୋଟା ଅଟେ । ମୁଗର କିସମଟି ୬୫ ଦିନ ଅବଧି ଅଟେ । ଏହାର ମଞ୍ଜି ଗାଢ଼ ଓ ସବୁଜ ରଙ୍ଗର । ଏହି ବର୍ଷ ହରଡ଼ ୨୦ ହେକ୍ଟର ଓ ମୁଗ ୧୨.୫ ହେକ୍ଟର ଜମିରେ କରାଯାଇଅଛି । ଏଥିପାଇଁ ସେମାନଙ୍କୁ ମଞ୍ଜି ବିଶୋଧନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ଅନୁଯାଇ ଖତସାର ପ୍ରୟୋଗ, ଆବଶ୍ୟକ ମୁତାବକ ରୋଗ ପୋକ ପରିଚାଳନା ଉପରେ ସମୟ ଅନୁଯାୟୀ ପରାମର୍ଶ ଦିଆଯାଇଥିଲା । ଏହା ବ୍ୟତୀତ ମଞ୍ଜିର ଶୁଦ୍ଧତା ତନଖି କାର୍ଯ୍ୟ ମଧ୍ୟ ବିହନ ପ୍ରମାଣନ ଅଧିକାରୀଙ୍କ ଦ୍ୱାରା କରାଯାଇଥିଲ । ଅମଳ ପରେ ମଞ୍ଜିକୁ ଚାଷୀ ମାନେ ପ୍ରାମାଣିକ ବିହନର ପ୍ରକ୍ରିୟାକରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ କୁ ଯୋଗାଇ ଦେବେ । ଏଥିରୁ ସର୍ବମୋଟ ୪୦୦୦ କି.ଗ୍ରା. ହରଡ଼ ଏବଂ ୫୦୦୦ କି.ଗ୍ରା. ମୁଗ ଅମଳ ହେବାର ସମ୍ଭାବନା ଅଛି ।

## ବିଦ୍ୟୁତ ଚାଳିତ ମାଣ୍ଡିଆ ଛଡ଼ା ଯନ୍ତ୍ର ର କ୍ଷେତ୍ର ପ୍ରଦର୍ଶନ



ଆମ ଜିଲ୍ଲାରେ ଲଘୁ ଶସ୍ୟ ଫସଲ ମଧ୍ୟରେ ଚାଷୀମାନେ ମୁଖ୍ୟତଃ ମାଣ୍ଡିଆ ଚାଷ କରିଥାନ୍ତି । ଅମଳ ପରେ ମାଣ୍ଡିଆର ଚୋପା ଛଡ଼ାଇବା ନିମନ୍ତେ ଚାଷୀ ଭାଇ ମନେ ହାତ ଦ୍ୱାରା ପିଟି ପିଟି ମାଣ୍ଡିଆ ଛଡ଼ାଇଥାନ୍ତି । ମାତ୍ର କୃଷି ବିଜ୍ଞାନ କେନ୍ଦ୍ର, ବରଗଡ ର କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନେ ମାଣ୍ଡିଆ ଛଡ଼ା ଯନ୍ତ୍ର ସାହାଯ୍ୟରେ ୧ ଘଂଟାରେ ୭୫.୫ kg. ଚୋପା ଛଡେଇଥିଲେ । ଏହି ଯନ୍ତ୍ର ମାଧ୍ୟମରେ ବିଦ୍ୟୁତ ଖୁବ୍ କମ ଖର୍ଚ୍ଚ ହେଉଥିବା ବେଳେ କମ ସମୟରେ ଅଧିକ ଚୋପା ଛଡାଇ ଥିଲେ ।



## ଶକ୍ତି ଚାଳିତ ଘାସମରା ଯନ୍ତ୍ର

ବରଗଡ଼ ଜିଲ୍ଲାରେ ଧାନଚାଷ ଏକ ପ୍ରଧାନ ଫସଲ ଏବଂ ଏଥିରେ ଘାସର ସମସ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଏହାକୁ ଦୃଷ୍ଟି ଆଗରେ ରଖି ଶକ୍ତି ଚାଳିତ ଘାସମରା ଯନ୍ତ୍ରର ସାହାଯ୍ୟରେ ୨ଘଂଟା କୁ ୧ ଏକର ଜମିରେ ଖୁବ୍ ସହଜ ରେ ଘାସବାଛି ହୋଇଥାଏ ଏବଂ ଏହା ଦ୍ୱାରା ବହୁତ କମ ଦିନ ଲୋକରେ ଘାସ ବଛା ହୋଇପାରେ । ଏହାକୁ ମହିଳା ମାନେ ମଧ୍ୟ ଖୁବ୍ ସହଜରେ ଚଳାଇପାରିଥିଲେ ଏବଂ ଏହାକୁ ଚଳାଇବା ନିମନ୍ତେ ମାତ୍ର ଗୋଟେ ଶ୍ରମିକର ଆବଶ୍ୟକ ହୋଇଥାଏ ।

# ବିଗତ ଆର୍ଥିକ ବର୍ଷରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟାବଳୀ:



ବିଗତ ୨୦୨୨-୨୩ ଖରିଫ୍ ଋତୁରେ ୪୦ ହେକ୍ଟର ଜମିରେ ହରଡ଼ କିସମ PRG-176 ର ସମୂହ କ୍ଷେତ୍ର ପ୍ରଦର୍ଶନୀ ୧୨୫ ଜଣ ଚାଷୀଙ୍କ କ୍ଷେତରେ କରାଯାଇଥିଲା । ଏହି ପରୀକ୍ଷଣରେ PRG-176 କିସମ ହେକ୍ଟର ପ୍ରତି ୯.୬୮ କ୍ୱି. ଅମଳ ଦେଇଥିଲା ଯାହାକି ଦେଶୀ ହରଡ଼ ତୁଳନାରେ ହେକ୍ଟର ପ୍ରତି ୩.୯୮ ଅଧିକ ଥିଲା । ଏହି କିସମ ୧୪୦ ଦିନରେ ଅମଳ ହୋଇଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖାଯାଇଥିଲା ।



ବର୍ଷା ଋତୁ ୨୦୨୨ ରେ ଆମ କେନ୍ଦ୍ର ତରଫରୁ ୨୦ ହେକ୍ଟର ଜମିରେ ରାଣି କିସମ ସ୍ୱାରକ, ୬୦ ଜଣ ଚାଷୀଙ୍କ କ୍ଷେତରେ ଚାଷ କରାଯାଇଥିଲା । ଏହି ପରୀକ୍ଷଣରେ ସ୍ୱାରକ କିସମ ହେକ୍ଟର ପ୍ରତି ୫.୧୨ କ୍ୱି. ଅମଳ ହୋଇଥିବା ବେଳେ ଦେଶୀ କିସମ ୨.୭୬ ଅମଳ ହୋଇଥିଲା ଓ ସ୍ୱାରକ କିସମର ଫଳ ପୋକ ଦ୍ୱାରା ଆକ୍ରାନ୍ତ ହୋଇନଥିଲା ।



ବିଗତ ରବି ୨୦୨୨-୨୩ ଋତୁରେ ଶୋରିଷ କିସମ ସୁଶ୍ରୀ ୩୦ ଜଣ ଚାଷୀଙ୍କ କ୍ଷେତରେ ୧୦ ହେକ୍ଟର ଜମିରେ କରାଯାଇଥିଲା । ଏହି ପ୍ରଦର୍ଶନୀରେ ଶୋରିଷ ହେକ୍ଟର ପ୍ରତି ୮.୦୬ କ୍ୱି. ଓ ମାତ୍ର ୮୫ ଦିନରେ ଅମଳ ହୋଇଥିଲା । ସ୍ୱଳ୍ପ ଅବଧି ମଧ୍ୟରେ ଅମଳ ହୋଇଥିବାରୁ ଆଗାମୀ ବର୍ଷ ଚାଷୀମାନେ ଅଧିକ ଜମିରେ ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।



ବିଗତ ବର୍ଷରେ ATMA ବରଗଡ଼ର ଆର୍ଥିକ ସହାୟତାରେ ଆମ କେନ୍ଦ୍ରରେ କୃଷି ଯାନ୍ତ୍ରିକ ମରାମତି ସମ୍ବନ୍ଧରେ ୧୫ ଜଣ ଚାଷୀଙ୍କୁ ୭ ଦିନିଆ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ପ୍ରଶିକ୍ଷଣରେ ଉନ୍ନତ କୃଷି ଯନ୍ତ୍ରପାତି ତଥା ଯନ୍ତ୍ରଚାଳିତ ଔଷଧ ସିଂଚନ ଯନ୍ତ୍ର, ପାୱାର ଟିଲର ଆଦିର ମରାମତି ସମ୍ବନ୍ଧରେ ତାଲିମ ଦିଆଯାଇ ଆତ୍ମନିର୍ଭରଶୀଳ ପାଇଁ ଯୁବକ ମାନଙ୍କୁ ପ୍ରସ୍ତୁତ କରାଯାଇଥିଲା ।




ଆନ୍ତର୍ଜାତିକ ଧାନ ଗବେଷଣା ପ୍ରତିଷ୍ଠାନ (IRRI) ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ତତ୍ତ୍ୱାବଧାନରେ ଟ୍ରାକ୍ଟର ଚାଳିତ ସାର ଓ ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଧାନ, ମୁଗ, ବାଦାମ ଓ ଶୋରିଷ ଚାଷର ପ୍ରଦର୍ଶନୀ ୨୦ ହେକ୍ଟର ଜମିରେ କରାଯାଇ ଥିଲା । ଏହା ସହିତ ଧାନରେ ଯନ୍ତ୍ରଚାଳିତ ଘାସମରା ଯନ୍ତ୍ରର ପ୍ରଦର୍ଶନୀ କରାଯାଇଥିଲା ।



ପ୍ରାକୃତିକ କୃଷି ଉପରେ ମକା ଓ ବରଗୁଡ଼ି, କଖାରୁ, ଶୋରିଷ ଉପରେ ପ୍ରଦର୍ଶନୀ କରାଯାଇ କମ୍ ଖର୍ଚ୍ଚରେ କୃଷି ଉପରେ ଗୁରୁତ୍ୱ ଦିଆଯାଇଥିଲା ଏବଂ ବରଗଡ଼ ଠାରେ କୃଷି ପ୍ରଦର୍ଶନୀ କରାଯାଇ ଏହାର ବିସ୍ତାର ନିମନ୍ତେ ଚେଷ୍ଟା କରାଯାଇଥିଲା ।



ଭାରତ ସରକାରଙ୍କ ଜଳଶକ୍ତି ଅଭିଯାନ କାର୍ଯ୍ୟକ୍ରମ ୨୦୦ ଜଣ ଚାଷୀଙ୍କୁ ପ୍ରତ୍ୟେକ ୧୦ଟି ଆମ୍ବ ଓ ୧୦ ଟି ଲେମ୍ବୁ ଚାରା ଯୋଗାଯାଇ ଦିଆ ଯାଇଥିଲା ଓ ଜଳ ସଂରକ୍ଷଣ ଉପରେ ୧୦ଟି ସଚେତନତା ଶିବିର କରାଯାଇଥିଲା ।



ରେଡିଓ ମାଧ୍ୟମରେ ତୈଳବୀଜ ଫସଲର ରୋଗପୋକ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଥିଲା ।



ସ୍ୱଚ୍ଛତା ଅଭିଯାନରେ ୧୨ଟି ଗ୍ରାମରେ ବର୍ଜ୍ୟବସ୍ତୁ ର ସଦୁପଯୋଗ ଓ ଜିଆ ଖତ ଉତ୍ପାଦନ ଉପରେ ତାଲିମ ଓ ପ୍ରଦର୍ଶନୀ କରାଯାଇଥିଲା ।


ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଶ୍ରୀ ନୃସିଂହ ଚରଣ ବାରିକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
ସମ୍ପାଦିକା: ଶ୍ରୀମତୀ ସୁଶ୍ରୀତା ସାହୁ, ବୈଜ୍ଞାନିକା (ଗୃହ ବିଜ୍ଞାନ)
ସମ୍ପାଦନା ମଣ୍ଡଳୀ :
ଶ୍ରୀ ସନତ୍ କୁମାର ମେହେର, ବୈଜ୍ଞାନିକ (ଉଦ୍ୟାନ କୃଷି )
ଶ୍ରୀମତୀ ସଙ୍ଘମିତ୍ରା ବିଶ୍ୱାଳ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯାନ୍ତ୍ରିକ)
ଶ୍ରୀ ଆଲୋକ କୁମାର ସାହୁ, ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ସଂପ୍ରସାରଣ)
ଶ୍ରୀ ଦୀପଙ୍କର ଜେନା, କାର୍ଯ୍ୟ ନିର୍ବାହୀ (ବିହନ ବିଜ୍ଞାନ)
ଶ୍ରୀମତୀ ପ୍ରାର୍ଥନା ମହାନ୍ତି, କ୍ଷେତ୍ର ପରିଚାଳିକା



ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଗନ୍ଧାରୀପାଲି,
ପୋ : ଲରମ୍ବା, ଜିଲ୍ଲା : ବରଗଡ, ଓଡ଼ିଶା
ପିନ୍-୭୬୮୧୦୨
E-Mail : kvkbaragarh.ouat@gmail.com,
Web site : www.kvkbaragarh.org





Typed & Designed : Sanat Kumar Meher, PA (C), KVK Bargarh.
Printed at : Vinayak Alpha, Bargarh